ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୨୬ ଏପ୍ରିଲ, ୨୦୨୧

## କାର୍ଯ୍ୟକ୍ଷମ ହେଲା ଡିସିଏଚ୍‌ସି

ଆସିକା,(ଡି.ଏନ.ଏ.): ଆସିକା ବ୍ଲକ ଅନ୍ତର୍ଗତ ବାବନପୁରସ୍ଥିତ କୁଷ୍ଠ ଚିକିତ୍ସା କେନ୍ଦ୍ର ପରିସରରେ ରବିବାର ଡେଡିକେଟେଡ୍ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଅକ୍ସିଜେନ ସପୋର୍ଟ ୧୦୦ ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆସିକା, କବିସୂର୍ଯ୍ୟନଗର, ପୋଲସରା, କୋଦଳା, ଧରାକୋଟ ଓ ସୋରଡା ବ୍ଲକ ଓ ଏନ୍ଏସିର ସଂକ୍ରମିତଙ୍କ ଚିକିତ୍ସା କରାଯିବ। ଏଠାରେ ୨ ବିଶେଷଜ୍ଞ ଡାକ୍ତରଙ୍କ ସହ ୬ଜଣ ଆୟୁଷ ଡାକ୍ତର ନିୟୋଜିତ ଅଛନ୍ତି। ଆସିକା ବିଡିଓ ରୋସନ ଶତପଥୀ ପ୍ରଶାସନିକ ଅଧିକାରୀ ଦାୟିତ୍ୱରେ ରହିଥିବା ବେଳେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିପିଏମ ସାଗରିକା ମିଶ୍ର ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ରହିଛନ୍ତି। ପ୍ରଥମ ଦିନ ଏଠାରେ ଆସିକା ବ୍ଲକର ଜଣେ ଆକ୍ରାନ୍ତ ଭର୍ତ୍ତି ହୋଇଥିବା ବେଳେ ଧରାକୋଟ ବ୍ଲକର ଅନ୍ୟ ଜଣେ ଆକ୍ରାନ୍ତଙ୍କୁ ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି।

# ଗଞ୍ଜାମ ଜିଲାକୁ ଫେରିଛନ୍ତି ୧୬୯୮୨ ପ୍ରବାସୀ

ଛତ୍ରପୁର,୨୫।୪(ଡି.ଏନ.ଏ)

ଗଞ୍ଜାମ ଜିଲାକୁ ରବିବାର ସୁଦ୍ଧା ୧୬,୯୮୨ଜଣ ପ୍ରବାସୀ ଫେରିଛନ୍ତି। ସେଥିମଧ୍ୟରେ ଜିଲାର ୮ ସହରାଞ୍ଚଳର ୧୧୪୩ ଜଣ ଏବଂ ୨୨ ବ୍ଲକ ଅଧୀନ ଗ୍ରାମାଞ୍ଚଳର ୧୫, ୮୦୬ ଜଣ ଅଛନ୍ତି। ରବିବାର ଗ୍ରାମାଞ୍ଚଳକୁ ୯୮୯ ଜଣ ଓ ସହରାଞ୍ଚଳକୁ ୧୫୪ ଜଣ ପ୍ରବାସୀ ଫେରିଥିବା ସୂଚନା ଦିଆଯାଇଛି । ସେହିପରି ଆହୁରି ସୂଚନା ଦିଆଯାଇଛି ଯେ, ଗ୍ରାମାଞ୍ଚଳରେ ୬,୯୦୮ ଜଣ ହୋମ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ସେଥିମଧ୍ୟରୁ ୯ ,୪୧୭ ଜଣଙ୍କ ହୋମ କ୍ୱାରାଣ୍ଟାଇନ୍ ଅବଧି ସରିଛି । ସେହିପରି ସହରାଞ୍ଚଳରେ ୫୪୪ ଜଣଙ୍କ ହୋମ କ୍ୱାରାଣ୍ଟାଇନ୍ ଅବଧି ସରିଥିବା ସୂଚନା ଦିଆଯାଇଛି। ଜିଲାର ଗ୍ରାମାଞ୍ଚଳରେ ବର୍ତ୍ତମାନ ୩୪୦ ଜଣ ଓ ସହରାଞ୍ଚଳରେ ୩୨୭ଜଣ ହୋମ ଆଇସୋଲେଶନରେ ରହିଛନ୍ତି। ସେହିପରି ପଶ୍ଚିମବଙ୍ଗରୁ ଜିଲାକୁ ୩୩୨ ଜଣ ପ୍ରବାସୀ ଫେରିଛନ୍ତି। ସେଥିମଧ୍ୟରେ ୧୩୩ ଜଣ ରବିବାର ଓ ୧୯୯ ଜଣ ଶନିବାର ଫେରିଛନ୍ତି। ଜିଲାରେ ଆଉ ୧୩୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୫୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଜିଲାରେ ୭୮୪ ସକ୍ରିୟ କରୋନା ରୋଗୀ ଅଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଆସିକା , ପୁରୁଷୋତ୍ତମପୁର, ଖଲିକୋଟ, ଶେରଗଡର ୨ ଜଣ ଲେଖାଏ ଥିବାବେଳେ ବେଗୁନିଆପଡା, ବେଲଗୁଣ୍ଠା, ବୁଗୁଡା, ଜଗନ୍ନାଥପ୍ରସାଦରେ ଜଣେ ଲେଖାଏ, ବ୍ରହ୍ମପୁର ମହାନଗରରେ ୬୨, ଭଂଜନଗରରେ ୧୩, ଛତ୍ରପୁରରେ ୫ ଜଣ, ଦିଗପହଣ୍ଡି ଓ ରଙ୍ଗେଇଲୁଣ୍ଡାରେ ୩ ଜଣ ଲେଖାଏ, ହିଂଜିଳିରେ ୧୦, କୁକୁଡାଖଣ୍ଡିରେ ୫, ସୋରଡାରେ ୧୦ ଜଣ ଓ ଅନ୍ୟ ସ୍ଥାନରୁ ୧୧ ଜଣ ସଂକ୍ରମିତ ଅଛନ୍ତି। ଛତ୍ରପୁର ସହରରେ କରେନା ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ଥାନରେ ସାନିଟାଇଜ୍ କରାଯାଇଥିବା ଏନଏସି ପକ୍ଷରୁ ସୂଚନା ଦିଆଯାଇଛି ।

## ସଂକ୍ଷେପରେ

### ୧୨ ଫୁଟର ଅହିରାଜ ଉଦ୍ଧାର



ଚିକିଟି,୨୫।୪(ଡି.ଏନ.ଏ.): ଚିକିଟି ବ୍ଲକ ଚାନ୍ଦପୁର ଗ୍ରାମରେ ରବିବାର ୧୨ ଫୁଟ ଲମ୍ବର ଅହିରାଜକୁ ପାଟପୁର ସ୍ନେକ୍ ହେଲପ୍‌ଲାଇନ୍ ଉଦ୍ଧାର କରିଛି । ଚାନ୍ଦପୁର ଗ୍ରାମର ଆପନା ସାହୁଙ୍କ ଗାଧୋଇବା ଘରେ ଏକ ସାପ ରହିଥିଲା । ସେ ଗାଧେଇବାକୁ ଯାଉଥିବା ବେଳେ ସାପ ଦେଖି ନୂଆପଡା ବନବିଭାଗକୁ ଜଣାଇଥିଲେ। ସ୍ନେକ୍ ହେଲପ୍ ଲାଇନ୍ କର୍ମଚାରୀ ପହଞ୍ଚି ସେହି ଅହିରାଜକୁ ଧରି ନିକଟସ୍ଥ କେରାଣ୍ଡିମାଳ ଜଙ୍ଗଲରେ ଛଡିଦେଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ଦିଗପହଣ୍ଡି,୨୫।୪(ଡି.ଏନ.ଏ.): ଦିଗପହଣ୍ଡି ଥାନା ବୁରିପଦର ଗାଁ ଛକ ନିକଟରେ ରବିବାର ଏକ ଗଛକୁ ବାଇକ୍ ଧକ୍କା ଦେବାରୁ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାଇଗୁଡ଼ା ଗ୍ରାମର ରାମକୃଷ୍ଣ ଦଳାଇ। ଗୁରୁତର ହେଲେ ରାମକୃଷ୍ଣଙ୍କ ସମ୍ପର୍କୀୟ ସୁଶାନ୍ତ ଦଳାଇ। ଉଭୟେ ବାଇକ୍ ଯୋଗେ ଗାଁ ନିକଟସ୍ଥ ଘୋଡ଼ାହାଡ଼ ଡ୍ୟାମ ଇଲାକାରୁ ଗାଁକୁ ଫେରୁଥିବା ବେଳେ ଅସାବଧାନତା କାରଣରୁ ବାଇକ୍ ଚାଳକ ନିୟନ୍ତ୍ରଣ ହରାଇ ରାସ୍ତା କଡର ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ରାମକୃଷ୍ଣଙ୍କ ମୃତ୍ୟୁ ଘଟିଥିଲା। ସୁଶାନ୍ତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ମେଡିକାଲ ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦିଗପହଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ୨୪ ଭରଣର ପାଳଗଦା ଜଳିଗଲା

ବୁଗୁଡ଼ା,୨୫।୪(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ସଙ୍କୁରୁ ଗ୍ରାମରେ ଅଗ୍ନିକାଣ୍ଡ ଘଟି ରବିବାର ୨୪ ଭରଣର ୩ଟି ପାଳଗଦା ଜଳିଯାଇଛି। ସଙ୍କୁରୁ ଗ୍ରାମରେ ଅଳିଆ ଆବର୍ଜନା ପୋଡ଼ା ଯାଉଥିବା ବେଳେ ସେଥିରୁ ନିଆଁ ଝୁଲ ଉଡି ନିକଟସ୍ଥ ଖଳାମାଳରେ ଥିବା ପାଳଗଦାରେ ନିଆଁ ଲାଗିଯାଇଥିଲା। ଏହା ଦେଖି ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇଥିଲା। ଉକ୍ତ ଅଗ୍ନିକାଣ୍ଡରେ ଗୋଖାଦ୍ୟ ପାଇଁ ଗଚ୍ଛିତ ଥିବା ତ୍ରିଲୋଚନ ପାତ୍ରଙ୍କ ୧୦ ଭରଣର ଗୋଟିଏ ଏବଂ ବୃନ୍ଦାବନ ସେଠୀ ଓ ବସନ୍ତ ସେଠୀଙ୍କ ୭ ଭରଣ ଲେଖାଏ ଦୁଇଟି ପାଳଗଦା ପୋଡ଼ିଯାଇଥିବା ଜଣାପଡିଛି।

### ରେଜିଷ୍ଟ୍ରେଶନ ହୋଇ ଆସୁନି ବସ୍

ଗୁମ୍ମା,୨୫।୪: ଗୁମ୍ମା ବ୍ଲକର ଗୁମ୍ମା ନାମରେ ବର୍ଷାରାଣୀ ବସ୍ ରେଜିଷ୍ଟ୍ରେଶନ ହୋଇଛି। ହେଲେ ଗୁମ୍ମା ନ ଯାଇ ବର୍ଷ ବର୍ଷ ଧରି ବସ୍‌ଟି ପାରଳାଖେମୁଣ୍ଡିଠାରୁ ଭୁବନେଶ୍ୱର ଯାତାୟାତ କରୁଛି। ବର୍ଷାରାଣୀ ବସ୍ ପରମିଟ ପାଇଛି ଗୁମା ବ୍ଲକ ପାଇଁ। କିନ୍ତୁ ଗୁମା ଯିବା ଯାତ୍ରୀମାନେ ଥରୁଟିଏ ମଧ ଦେଖିନାହାନ୍ତି। ନାମକୁ ମାତ୍ର ବର୍ଷାରାଣୀ ବସ୍‌ରେ ଗୁମ୍ମା ଲେଖାଯାଉଛି। କରୋନା ସମୟରେ ଶନିବାର ଭୁବନେଶ୍ୱରରୁ ଗୁମା ବ୍ଲକର କେତେକ ଛାତ୍ରୀଛାତ୍ର ବର୍ଷାରାଣୀ ବସରେ ପାରଳାଖେମୁଣ୍ଡି ଆସିଥିଲେ। ହେଲେ ଉକ୍ତ ବସ୍ ଗୁମ୍ମା ନ ଯାଇ ପାରଳାଖେମୁଣ୍ଡି ବସଷ୍ଟାଣ୍ଡରେ ରହିଯିବା ଦ୍ୱାରା ବ୍ଲକର ଛାତ୍ରୀଛାତ୍ର ହନ୍ତସନ୍ତ ହୋଇଥିଲେ।

### ମୃତ କର୍କଟ ପୀଡ଼ିତାଙ୍କ ମା'ଙ୍କୁ ସହାୟତା

କବିସୂର୍ଯ୍ୟନଗର,୨୫।୪: କବିସୂର୍ଯ୍ୟନଗର ବ୍ଲକ ସୁବଳୟା ଗ୍ରାମର ଜାଜ୍ଜଶିନୀ ସାହୁଙ୍କ ଏକମାତ୍ର ୯ ବର୍ଷର ଝିଅ ଲକ୍ଷ୍ମୀ କର୍କଟରେ ପୀଡିତା ହୋଇ ଗତ ଡିସେମ୍ବର ୧୭ରେ ମୃତ୍ୟୁ ବରଣ କରିଥିଲେ। ସ୍ୱାମୀ ନାରାୟଣ ସାହୁଙ୍କ ୪ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ଏଭଳି ମୁହୂର୍ତ୍ତରେ ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍‌ରୁ ତାଙ୍କ ମୃତ୍ୟୁକାଳୀନ ୧୦ ହଜାର ଅନୁକମ୍ପା ରାଶି ସ୍ଥାନୀୟ ତହସିଲଦାର ପ୍ରକାଶ କୁମାର ମିଶ୍ର ଜାଜ୍ଜଶିନୀଙ୍କୁ ପ୍ରଦାନ କରିଛନ୍ତି। ସମାଜସେବୀ ବ୍ରହ୍ମାନନ୍ଦ ଆଚାରୀ, ବରିଷ୍ଠ ସହକାରୀ କିରାଣୀ ନୀଳମାଧବ ପ୍ରଧାନ ଓ ବରିଷ୍ଠ କିରାଣୀ ଚିତ୍ରସେନ ସାମଲ ଉପସ୍ଥିତ ଥିଲେ।

# କୁକୁଡ଼ାଫାର୍ମରେ ନକଲି ମଦ, ଗୁଟ୍‌ଖା କାରଖାନା



ଅବକାରୀ ଅଧିକାରୀଙ୍କ ନକଲି ମଦ କାରଖାନା ଉପରେ ଚଢ଼ାଉ।

## ସ୍ପିରିଟ, ମଦ ଓ ଗୁଟ୍‌ଖା ତିଆରି ମେଶିନ ଜବତ, ୩ ଗିରଫ

ହିଞ୍ଜିଳିକାଟୁ,୨୫।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ରଙ୍ଗୁଣିପଲୀ ଗ୍ରାମର ଏକ କୁକୁଡ଼ାଫାର୍ମରେ ଚାଲିଥିବା ନକଲି ବିଦେଶୀ ମଦ ଓ ଗୁଟ୍‌ଖା କାରଖାନାରେ ଶନିବାର ମଧ୍ୟରାତ୍ରିରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ସେଠାରୁ ବିପୁଳ ପରିମାଣର ସ୍ପିରିଟ, ମଦ ଓ ଗୁଟ୍‌ଖା ତିଆରି ସାମଗ୍ରୀ ଜବତ ହୋଇଛି। ଏହି ନକଲି କାରବାର ଚଳାଇଥିବା ୩ ଜଣଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ଖଣ୍ଡିଆକୁମୁଟି ସାହିର ସୁନିଲ କୁମାର ସାହୁ, ବଡ଼ସାହିର ମିଳନ ସାହୁ ଓ ହିଞ୍ଜିଳି ଥାନା ଖଇରବେଠି ଗ୍ରାମର ସନ୍ତୋଷ କୁମାର ଗୌଡ଼। ପ୍ରକାଶ ଯେ, ଅଭିଯୁକ୍ତମାନେ ଉକ୍ତ ସ୍ଥାନରେ ନକଲି ମଦ ପ୍ରସ୍ତୁତ କରି ହିଞ୍ଜିଳିକାଟୁ, ବ୍ରହ୍ମପୁର, ପୁରୁଷୋତ୍ତମପୁର ସମେତ ଜିଲାର ଅନ୍ୟ ଅଞ୍ଚଳ ଓ ଆନ୍ଧ୍ରପ୍ରଦେଶକୁ ଯୋଗାଣ କରୁଥିଲେ। ଖବରପାଇ ବ୍ରହ୍ମପୁର ଅବକାରୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାର୍ଡ ଓ ହିଞ୍ଜିଳି ଅବକାରୀ ବିଭାଗ ଶନିବାର ମଧ୍ୟରାତ୍ରିରେ ମକକର ଝୋଳ ପଞ୍ଚାୟତ ରଙ୍ଗୁଣିପଲୀ କେ ରାଜା ରାଓଙ୍କ କୁକୁଡ଼ା ଫାର୍ମ ଉପରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକ୍ଷକ ଅଭିରାମ ବେହେରା, ମୋବାଇଲ ସ୍କ୍ୱାର୍ଡର ଏସ୍ଆଇ ଦୁର୍ଯ୍ୟୋଧନ ଦିଗାଲ, ହିଞ୍ଜିଳିକାଟୁ ଅବକାରୀ ବିଭାଗ ଅଧିକାରୀ ନବସ୍ମିତା ନାୟକଙ୍କ ସହ ସମସ୍ତ ବିଭାଗୀୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ। ଅନ୍ୟପକ୍ଷରେ କୁକୁଡ଼ା ଫାର୍ମର ମାଲିକଙ୍କୁ ପଚରାଉଚରା କରାଯିବ ବୋଲି ଅବକାରୀ ବିଭାଗର ଅଧୀକ୍ଷକ ରାଜେନ୍ଦ୍ର କୁମାର ବାତ୍ରା କହିଛନ୍ତି। ସୂଚନାଯୋଗ୍ୟ, ନକଲି କାରବାରର ମୁଖ୍ୟ କୁହାଯାଉଥିବା ସୁନିଲ ଓ ତାଙ୍କ ଭାଇ, ବାପାଙ୍କୁ ଗତ ଜାନୁୟାରୀରେ ବ୍ରହ୍ମପୁର ପୋଲିସ ନକଲି ମଦ ପ୍ରସ୍ତୁତି ଓ କାରଖାନା ଚଳାଉଥିବା ଅଭିଯୋଗରେ ଗିରଫ କରିଥିଲା।

# ଗାଁ କମିଟି ବୈଠକରେ ସଂଘବଦ୍ଧ ଆକ୍ରମଣ

## ୪ ଗୁରୁତର, ୨ ଗିରଫ

ଛତ୍ରପୁର/ଗଞ୍ଜାମ, ୨୫।୪(ଡି.ଏନ୍.ଏ.)

ଗଞ୍ଜାମ ଥାନା ଅଗସ୍ତି ନୂଆଗାଁରେ ଶନିବାର ଗ୍ରାମ କମିଟି ବୈଠକ ଚାଲିଥିବା ବେଳେ ହଠାତ୍ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ମହିଳାଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଝୁନୁ ଗୌଡ଼, ବିନାୟକ ଗୌଡ଼, ନିବାସୀ ଗୌଡ଼ ଓ ସୁକାନ୍ତ ନାହାକ। ସମସ୍ତଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲ ଓ ପରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଅଗସ୍ତି ନୂଆଗାଁରେ ଗ୍ରାମ କମିଟି ବୈଠକ ବସିଥିଲା। ଅନ୍ୟ ଏକ ଗୋଷ୍ଠୀର ପ୍ରାୟ ୫ ଜଣ ଯୁବକ ବୈଠକ ସ୍ଥଳରେ ପହଞ୍ଚି ଖଣ୍ଡାରେ ଆକ୍ରମଣ କରିଥିଲେ। ଗଞ୍ଜାମ ଆଇଆଇସି ଦିଲ୍ଲୀପ କୁମାର ସାହୁ, ଏସ୍ଆଇ ଅଜିତ ପରିଡ଼ା ପ୍ରମୁଖ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ବ୍ୟକ୍ତିଙ୍କୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି କହିଛନ୍ତି।

# ୭ ଦିନ ଦୋକାନବଜାର ବନ୍ଦ ନିଷ୍ପତ୍ତି

## ଘରେ ସାମଗ୍ରୀ ପହଞ୍ଚାଇବ ବଣିକ ସଂଘ



ରାସ୍ତାରେ ବ୍ୟାରିକେଡ୍ କରାଯାଇଛି।

ଆସିକା,୨୫।୪(ଡି.ଏନ.ଏ.)

ଆସିକା ଏନ୍ଏସିରେ କରୋନା ସଂକ୍ରମଣ ଚେନ୍‌କୁ ସୁଧାରିବା ନିମନ୍ତେ ବଣିକ ସଂଘ ପକ୍ଷରୁ ସୋମବାରଠାରୁ ଆସନ୍ତା ରବିବାର ଯାଏ ଦୋକାନ ବଜାର ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଶନିବାର ସନ୍ଧ୍ୟାରେ ବଣିକ ସଂଘ ପକ୍ଷରୁ ଭର୍ଚୁଆଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା ବେଳେ ଏ ନେଇ ଜିଲାପାଳ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ସହଯୋଗ କାମନା କରାଯାଇଛି। ବଣିକ ସଂଘ ପକ୍ଷରୁ ଜନସାଧାରଣଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଘର ପାଖରେ ପହଞ୍ଚାଇବା ଲାଗି ବ୍ୟବସ୍ଥା କରାଯାଇଥିବା ସଂଘ ସଭାପତି ରାମ ରଞ୍ଜନ ଶର୍ମା ଓ ସମ୍ପାଦକ ସୀମାଞ୍ଚଳ ପରିଡା ସୂଚନା ଦେଇଛନ୍ତି। ବଣିକ ସଂଘର ଏହି ପ୍ରସ୍ତାବ ପରେ ରବିବାର ସନ୍ଧ୍ୟାରେ ଆସିକା ଏନଏସିରେ ପ୍ରଶାସନିକ ଅଧିକାରୀଙ୍କ ଏକ ବୈଠକ କରାଯାଇଛି । ବଣିକ ସଂଘ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିରେ ସାମିଲ ହେବା ଲାଗି ସମସ୍ତ ବ୍ୟବସାୟୀଙ୍କୁ ଅନୁରୋଧ କରାଯିବ ବୋଲି ଆସିକା ତହସିଲଦାର ସଦାନନ୍ଦ ସେଠୀ ସୂଚନା ଦେଇଛନ୍ତି । ଅନ୍ୟପଟେ ଆସିକା ଏନଏସି ପକ୍ଷରୁ ଏନଏସି ଇଲାକାକୁ ବାହାରୁ କୌଣସି କାର୍ଯ୍ୟ ନଥାଇ ଆସୁଥିବା ଜନସାଧାରଣଙ୍କ ଚଳାଚଳ ଉପରେ ରୋକ ଲଗାଇବା ଲକ୍ଷ୍ୟରେ ସହରର ପ୍ରବେଶ ପଥ ବିଜୁପଟ୍ଟନାୟକ ଛକ, ପିଏନବି ଛକ, ଖମ୍ବେଶ୍ୱରୀ ଫାଟକ, କୁମ୍ଭାର ସାହି ଆଦି ସ୍ଥାନରେ ବ୍ୟାରିକେଡ୍ ନିର୍ମାଣ କରାଯାଇଛି । ରବିବାର ସୁଦ୍ଧା ଆସିକା ବ୍ଲକର ୨୭ ପଞ୍ଚାୟତରେ ୨୨ଜଣ ଓ ଏନଏସିର ୧୮ଟି ୱାର୍ଡରେ ୨୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବିଡିଓ ରୋସନ ଶତପଥୀ ଓ ଏନଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଟେଟେ ସୂଚନା ଦେଇଛନ୍ତି ।

# ପାନୀୟ ଜଳ ଟଙ୍କା ହଡ଼ପ ଅଭିଯୋଗ

ଗୋପାଳପୁର,୨୫।୪

ପାନୀୟ ଜଳ ଟଙ୍କା ହଡ଼ପ ଅଭିଯୋଗରେ ଇନ୍ଦ୍ରାକ୍ଷୀ ସରପଞ୍ଚଙ୍କ ବିରୋଧରେ ରବିବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଇନ୍ଦ୍ରାକ୍ଷୀ ପଞ୍ଚାୟତ ଇନ୍ଦ୍ରାକ୍ଷୀ ଗ୍ରାମର ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମ୍ୟ କମିଟି ଗଠନ କରାଯାଇ ହିତାଧିକାରୀଙ୍କଠାରୁ ପାନୀୟ ଜଳ ନିମନ୍ତେ ମାସିକ ଶୁଳ୍କ ଆଦାୟ କରି କମିଟି ସଭାପତି, ସମ୍ପାଦକଙ୍କ ନାମରେ ରହିଥାଏ। ମାସ ଶେଷରେ ଉକ୍ତ ଟଙ୍କାକୁ ବିଦ୍ୟୁତ୍ ବିଲ୍ ବାବଦରେ ପୈଠ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ବିଦ୍ୟୁତ୍ ବିଲ୍ ପୈଠ ପାଇଁ ଗତ ୨୩ରେ ସରପଞ୍ଚ ଦଣ୍ଡପାଣି ସାହୁ ୮୬ହଜାର ଟଙ୍କା ନେଇଥିଲେ। କିନ୍ତୁ ଉକ୍ତ ଟଙ୍କା ପୈଠ କରିବା ପୂର୍ବରୁ ସରକାର ପଞ୍ଚାୟତ ତରଫରୁ ଏହି ବିଲ୍ ପୈଠ କରି ଦେଇଥିଲେ। ଏ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିବାରୁ ସେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ସମ୍ପାଦକ ୟୁ.ପୁରୁଷୋତ୍ତମ ରେଡ୍ଡୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସେହିପରି ତୁଲୁ, ଆର.ତୁଲୁ, ହନ୍ତୁଳ ଗ୍ରାମର ଜଳ ଯୋଗାଣର ବିଦ୍ୟୁତ୍ ବିଲ୍ ପୈଠ କରିବା ପାଇଁ ମଧ ଲକ୍ଷାଧିକ ଟଙ୍କା ନେଇ ହଡପ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସରପଞ୍ଚ ଦଣ୍ଡପାଣି ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ମିଥ୍ୟା କେସ୍ ଦେଇ ବଦନାମ କରାଯାଉଛି। ଯଦି ମୋତେ ଟଙ୍କା ଦେଇଛନ୍ତି ତେବେ ପ୍ରମାଣ କ'ଣ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି।

# କନ୍ଧମାଳ ଜିଲା ସାମ୍ବାଦିକ ସଂଘ ଗଠିତ

ଫୁଲବାଣୀ ଅଫିସ, ୨୫।୪

କନ୍ଧମାଳ ଜିଲାରେ ପ୍ରମୁଖ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଖବରଦାତାମାନଙ୍କୁ ନେଇ ରବିବାର କନ୍ଧମାଳ ଜିଲା ଫ୍ରଣ୍ଟଲାଇନ ସାମ୍ବାଦିକ ସଂଘ ଗଠନ କରାଯାଇଛି । ଫୁଲବାଣୀ ସହର ଉପକଣ୍ଠ ଗୁଦାରୀଠାରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଜିଲାସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ ପ୍ରମୁଖ ଗଣ ମାଧ୍ୟମ ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇ ଏଭଳି ଏକ ସଂଗଠନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ବୈଠକ ଆରମ୍ଭ ପୂର୍ବରୁ ନିକଟରେ କୋଭିଡରେ ପ୍ରାଣ ହରାଇଥିବା ରାଜ୍ୟର ୫ ସାମ୍ବାଦିକଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଗଠନ ଏହାର ସଦସ୍ୟମାନଙ୍କ ସୁରକ୍ଷା ଏବଂ ସ୍ୱାର୍ଥ ପାଇଁ ନିଷ୍ପାପର ଭାବେ କାର୍ଯ୍ୟ କରିବ ବୋଲି ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ପରେ ସଂଗଠନର ବିଭିନ୍ନ ପଦବୀ ନିମନ୍ତେ କାର୍ଯ୍ୟକର୍ତ୍ତା ଚୟନ ହୋଇଥିଲା । ସର୍ବସମ୍ମତି କ୍ରମେ ସୁଜିତ ବେହେରାଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ବ୍ରଜ ବିହାରୀ ନନ୍ଦ, ଉପ ସଭାପତି ଅଶୋକ କୁମାର ମହାନ୍ତି, ସାଧାରଣ ସମ୍ପାଦକ ତ୍ରିନାଥ ସାହୁ, ସହ ସମ୍ପାଦକ ବାଳକୃଷ୍ଣ ଚର୍ଣ୍ଣି, କୋଷାଧ୍ୟକ୍ଷ ସୁନୀଲ ବିଶ୍ୱାଳ ମନୋନୀତ ହୋଇଥିଲେ। ସଂଗଠନର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ, ସଦାଶିବ ପାତ୍ର ଓ ଅଜିତ ମହାରଣା ରହିଛନ୍ତି । ସେହିଭଳି ଗଠିତ ସ୍କ୍ରୁଟିନି କମିଟିରେ ରଂଜନ ପ୍ରଧାନ, ରାକେଶ କୁମାର ରାଉତଙ୍କୁ ରଖାଯାଇଛି । ଏଥି ସହିତ ୭ ଜଣ ସଦସ୍ୟଙ୍କୁ ନେଇ ସଂଗଠନର ଏକ କଲ୍ୟାଣ କମିଟି ଗଠନ କରାଯାଇଛି। ପ୍ରଶାସନ ଦ୍ୱାରା ଜାରି ସମସ୍ତ କୋଭିଡ ଗାଇଡଲାଇନ ଅନୁସାରେ ଏହି ବୈଠକ ଆୟୋଜିତ ହୋଇଥିଲା ।

# ସିସିସି ପରିଦର୍ଶନ କଲେ ଜିଲାପାଳ

ଆର.ଉଦୟଗିରି,୨୫।୪(ଡି.ଏନ୍.ଏ.)

ଗଜପତି ଜିଲାପାଳ ଅନୁପମ ସାହା ରବିବାର ମୋହନା ବ୍ଲକର ଆଇଟିଆଇ ପରିସର ମଧ୍ୟରେ ଥିବା କୋଭିଡ୍ କେୟାର ସେଣ୍ଟର (ସିସିସି) ପରିଦର୍ଶନ କରିଛନ୍ତି। ତାଙ୍କ ସହ ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ହସ୍ପିଟାଲରେ ଥିବା ଡାକ୍ତର ଏବଂ ସମସ୍ତ କର୍ମୀଙ୍କ ସହ ଆଲୋଚନା କରି ସମସ୍ତ ହସ୍ପିଟାଲର ବ୍ୟବସ୍ଥା ଦେଖିଥିଲେ। ଏହା ସହ ମୋହନା ବ୍ଲକ ଗସ୍ତ ସମୟରେ ଗଞ୍ଜାମ ଓ ଗଜପତି ସୀମା କମଳାପୁରସ୍ଥିତ ନାକା ପଏଣ୍ଟ ଗେଟ୍ ପରିଦର୍ଶନ କରି ଥିଲେ।

# ନାବାଳକ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼(ଗଜପତି), ୨୫।୪(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକ ଗଣ୍ଡାହାତୀ ପଞ୍ଚାୟତ ଅଞ୍ଚଳର ଜଣେ ନାବାଳକ ଦାଦନ ଖଟିବାକୁ ତେଲେଙ୍ଗାନା ଯାଇଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି । ସେଠାରେ ତାଙ୍କ ମୃତଦେହକୁ ସତ୍କାର କରଯାଇଛି । ନାବାଳକଙ୍କୁ ନିର୍ଯାତନା ଦିଆଯାଇଥିବାରୁ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ନାବାଳକଙ୍କୁ ଚାଲାଣ କରିଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକେ ଦାବି କରିଛନ୍ତି। ପ୍ରକାଶ ଯେ, ୩ ମାସ ପୂର୍ବେ ପାରଳାଖେମୁଣ୍ଡିର ଜଣେ ଦଲାଲ ଗଣ୍ଡାହାତୀ ପଞ୍ଚାୟତ ଆସି ଗୋଟିଏ ଗ୍ରାମରୁ ୧୪ ନାବାଳକଙ୍କୁ ପ୍ରଲୋଭିତ କରି ତେଲେଙ୍ଗାନାରେ କାମ ଦେବାକୁ ନେଇଥିଲେ । ଦଲାଲ ଜଣଙ୍କ ସେମାନଙ୍କୁ ତେଲେଙ୍ଗାନା କାଡାପା ଜିଲାକୁ ନେଇ ଜଣେ ମାଲିକଙ୍କ ପାଖରେ ଛାଡି ତାଙ୍କଠାରୁ ୪୦ ହଜାର ଟଙ୍କା ଆଣିଥିଲେ। ନବାଳକମାନଙ୍କୁ ଚିଙ୍ଗୁଡ଼ି ଘେରିରେ କାମରେ ଲଗାଇ ନିର୍ଯାତନା ଦିଆଯାଉଥିଲା। ନିର୍ଯାତନା ସହି ନ ପାରି ୧୧ ଜଣ ଲୁଚି ପଳାଇ ଆସିଥିଲେ। ସେଠାରେ ଫସି ରହିଥିବା ଅନ୍ୟ ୩ ନାବାଳକଙ୍କ ମଧ୍ୟରୁ ଖାଦ୍ୟ ନ ପାଇ ଜଣେ ଅସୁସ୍ଥ ହୋଇ ପଡ଼ିବାରୁ ଶୁକ୍ରବାର ସେଠାକାର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ମଧ ତାଙ୍କର ମୃତ୍ୟୁ ଘଟିଛି।

# ଶଟ୍‌ଡାଉନ୍ ସ୍ଥିତି ଅନୁଧ୍ୟାନ କଲେ ନିର୍ବାହୀ ଅଧିକାରୀ



ସ୍ଥିତି ଅନୁଧ୍ୟାନ କରୁଛନ୍ତି ନିର୍ବାହୀ ଅଧିକାରୀ।

ଗଞ୍ଜାମ,୨୫।୪(ଡି.ଏନ୍.ଏ.)

କରୋନା ସଂକ୍ରମଣର ୨ୟ ଲହରକୁ ରୋକିବା ପାଇଁ ସପ୍ତାହାନ୍ତ ଶନିବାର ଓ ରବିବାର ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ସହରର ସମସ୍ତ ଦୋକାନ ବଜାର ବନ୍ଦ ଥିବା ବେଳେ ଲୋକମାନେ ଘରୁ ବାହାରୁ ନ ଥିବା ଦେଖାଯାଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୋନିତ କୁମାର ବଜାର ବୁଲିବା ସହ ସମସ୍ତ ୱାର୍ଡ଼ ଅନୁଧ୍ୟାନ କରିଥିଲେ। ସେହିପରି ଗଞ୍ଜାମ ଆଇଆଇସି ଦିଲ୍ଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଅଜିତ କୁମାର ପରିଡ଼ା, ତ୍ରିନାଥ ବେହେରା, ତ୍ରିନାଥ ପଟ୍ଟନାୟକ, ନାରାୟଣ କହଁର ପ୍ରମୁଖ ବିଭିନ୍ନ ଛକ ଓ ଜାତୀୟ ରାଜପଥରେ ରହି କଡ଼ାକଡ଼ି ଚେକିଂ କରୁଥିବା ଦେଖାଯାଇଛି। ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ବିଭିନ୍ନ ଅଞ୍ଚଳ ବୁଲି ତଦାରଖ କରିଛନ୍ତି। ଶଟ୍‌ଡାଉନ୍‌ର ପ୍ରଭାବ ହୁମ୍ମା ଓ ରମ୍ଭାରେ ମଧ ପଡ଼ିଥିବା ଦେଖାଯାଉଛି।

# ନିୟମିତ ଖୋଲୁନି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

## ମହିଳା ମହାସଂଘର ଘେରାଉ, ଉତ୍ତେଜନା



ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ଅପେକ୍ଷା କରିଥିବା ରୋଗୀ ଓ ଅନ୍ୟମାନେ।

ଦାରିଙ୍ଗବାଡ଼ି.୨୫।୪(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିୟମିତ ଖୋଲାଯାଉ ନ ଥିବା ଅଭିଯୋଗ ହୋଇଛି। ସକାଳ ୮ଟାରୁ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ନିୟମ ରହିଥିଲେ ସୁଦ୍ଧା ରବିବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ କୌଣସି ଡାକ୍ତର, ଫାର୍ମାସିଷ୍ଟ ଆସି ନ ଥିବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଥିବା ନେଇ ଉତ୍ତେଜନା ଦେଖାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀମାନେ ଆସି ନିରାଶରେ ଫେରୁଥିଲେ । ଏହା ଜାଣିବା ପରେ ସ୍ଥାନୀୟ ତାଜୁଙ୍ଗିଆ ନାରୀ ମହାସଂଘ ସଦସ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ବସି କର୍ମଚାରୀଙ୍କୁ ଅପେକ୍ଷା କରି ରହିଥିଲେ। ପ୍ରାୟ ସାଢ଼େ ୧୦ଟାରେ ଫାର୍ମାସିଷ୍ଟ ପତିତପାବନ ପାଣିଗ୍ରାହୀ ପହଞ୍ଚିବା ପରେ ତାଙ୍କୁ ମହିଳାମାନେ ଘେରିବା ସହ କାହିଁକି ଠିକ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। କରୋନା ମହାମାରୀ ବେଳେ ଅଞ୍ଚଳବାସୀଙ୍କୁ ସେବା ଯୋଗାଇବାରେ ସ୍ୱାସ୍ଥ୍ୟବିଭାଗ ଅବହେଳା କରଥିବା ସେମାନେ ଅଭିଯୋଗ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ତାଜୁଙ୍ଗିଆ ପଞ୍ଚାୟତ ସହ ହାତିମୁଣ୍ଡା, ସୋନପୁର, ସିର୍କାବର୍ଗ, ଦାସିଂବାଡ଼ି ଆଦି ପଞ୍ଚାୟତର ପ୍ରାୟ ୨୦ ହଜାର ଜନସାଧାରଣ ନିର୍ଭର କରୁଛନ୍ତି। ସେଠାରେ ଜଣେ ଡାକ୍ତର ନିଯୁକ୍ତ ହୋଇଥିଲେ ମଧ ସେ ନିୟମିତ ଆସୁନ ନ ଥିବା ଅଭିଯୋଗ ହୋଇଛି। ଗରୀବ ଲୋକେ ଚିକିତ୍ସା ପାଇଁ ଆସି ନିରାଶ ହେବା ଘଟଣାକୁ ମହିଳା ସଂଘର ସଦସ୍ୟାମାନେ ନିନ୍ଦା କରିଛନ୍ତି। ଏହା ପ୍ରତିବାଦରେ ଆଗାମି ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ନାରୀ ମହାସଂଘର ଉପସଭାନେତ୍ରୀ ସୁଶିଳା ଦିଗାଳ, ସମ୍ପାଦିକା ପ୍ରମୋଜିନୀ ମଳିକ ପ୍ରମୁଖ କହିଛନ୍ତି । ସୋନପୁର ପଞ୍ଚାୟତ ଜୁଆଙ୍ଗିଆ ଗ୍ରାମର ବିମ୍ଭାର ପ୍ରଧାନ କହିଛନ୍ତି ଯେ ସେ ଗତ କିଛିଦିନ ହେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବାବେଳେ ତାଲା ଝୁଲୁଥିବାରୁ ହଇରାଣ ହୋଇଛନ୍ତି । ଆଡିମୁଣ୍ଡା ପଞ୍ଚାୟତର ଶରତ ଚନ୍ଦ୍ର ମଲିକ ସକାଳ ୮ଟାରୁ ଆସି ଭୋକ ଉପାସରେ ଡାକ୍ତରଙ୍କୁ ଅପେକ୍ଷା କରିଥିବା କହିଛନ୍ତି। ଏ ନେଇ ଫାର୍ମାସିଷ୍ଟଙ୍କୁ ପଚାରିବାରୁ ସେ ତାଙ୍କ ସମସ୍ୟା କହିଛନ୍ତି। ଷ୍ଟାଫ କ୍ୱାର୍ଟର୍ସ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେଠାରେ ପାଣି କି ଶୌଚାଳୟ ନାହିଁ । ତେଣୁ ସମସ୍ତ ଷ୍ଟାଫ୍ ସିକରମାହାଠାରୁ ୨୦ କି.ମି.ଦୂର ଦାରିଙ୍ଗବାଡ଼ିରେ ଘରଭଡ଼ା ନେଇ ରହୁଛନ୍ତି। ତେଣୁ ଠିକ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚିବା ସମ୍ଭବ ହେଉ ନ ଥିବା କହିଛନ୍ତି । ଅନ୍ୟପକ୍ଷରେ ନିୟମିତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲୁ ନ ଥିବା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରେ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଏଥିସହ ଷ୍ଟାଫ୍ କ୍ୱାର୍ଟର୍ସଗୁଡ଼ିକ ମରାମତି କରାଯିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିବା ସେ କହିଛନ୍ତି ।

